**Indian Journal of Modern Research and Reviews**

**This Journal is a member of the '*Committee on Publication Ethics*'**

**Online ISSN:**2584-184X




*Research Article*

# ଓଡ଼ିଶାର ସାଂସ୍କୃତିକ ଓ ସାମାଜିକ ପ୍ରେକ୍ଷାପଟରେ ଲୋକ ଉପକରଣ ଗୁଡିକର ଚର୍ଚ୍ଚା

**Dr. Lipsarani Sahoo**

Department of Odia Language and Literature, Balasore, Odisha, India

**Corresponding Author:** * Dr. Lipsarani Sahoo

**DOI:** https://doi.org/10.5281/zenodo.23415695

## ସାରାଂଶ

ଓଡ଼ିଶା ଲୋକସଂସ୍କୃତି ଏହାର ଦୀଘ୍ ଐତିହସିକ ବିକାଶ୍ , ଭୌଗଳିକ ବିବିଧତା ଏବଂ ବହୁଜାତିକ ସାମାଜିକ ଗଠନ ଫଳ ସ୍ବରୂପ ଏକ ସ୍ବତନ୍ତ୍ର ସାଂସ୍କୃତିକ ପରିସର ଗଠନ କରିଛି/ ଏହି ସାଂସ୍କୃତିକ ପରିସର ରେ ଲୋକଉପକରଣ କେବଳ ଉପଯୋଗିତା ମୂଳକ ବସ୍ତୁ ନୁହେଁ ; ବରଂ ସେଗୁଡ଼ିକ ଜ୍ଞାନ, ପରମ୍ପରା, ପ୍ରଯୁକ୍ତି, ସାମାଜିକ ସମ୍ପର୍କ ଏବଂ ସଂସୃତିକ ପ୍ରତିକ ର ବାହକ / ଓଡ଼ିଶାର ଲୋକଜୀବନ ତାହାର ଭୌଗଳିକ ବିବିଧତା ଜନଜାତିୟ ପରଂପରା, କୃଷିଭିତ୍ତିକ ଅର୍ଥନୀତି , ଧାର୍ମିକ ବିଶ୍ବାସ , ପର୍ବପର୍ବାଣି ଓ ଦୈନନ୍ଦିନ ଜୀବନଚର୍ଯ୍ୟା ସହିତ ଅତ୍ୟନ୍ତ ଘନିଷ୍ଠ ଭାବରେ ସମ୍ପୃକ୍ତ / ଏହି ଲୋକଜିବନ ର ଏକ ଅବିଚ୍ଛିନ୍ନ ଅଂଶ ହେଉଛି ଲୋକ ଉପକରଣ /ଲୋକଉପକର କେବଳ ଜୀବନଯାପନ ର ସାଧନ ନୁହେଁ ; ଏହା ଏକ ସମାଜର ଜ୍ଞାନ, ଅଭିଜ୍ଞତା, ଶ୍ରମ - ସଂସ୍କୃତି , ନନ୍ଦନବୋଧ ପ୍ରତିକଚେତନା ଓ ସାମୁହିକ ସ୍ମୃତି ର ଦୃଶ୍ୟମାନ ଅଭିବ୍ୟକ୍ତି / ହଳ ବୁଲା, ଡାଲା ଝୁଡ଼ି, ମାଟିହାଣ୍ଡି, ଶିଳପୁଆ, କାଠ ଓ ବାଉଁଶ ନିର୍ମିତ ବିଭିନ୍ ସାମଗ୍ରୀ , ମାଛ ଧରା ଉପକରଣ , ବୁଣାକାମ ସାଧନ ଏବଂ ବିଭିନ୍ନ ଲୋକବାଦ୍ୟ  ଆଦି ଓଡିଶା ର ସାମାଜିକ - ସାଂସ୍କୃତିକ ଇତିହାସ ର ଜୀବନ୍ତ ଦଲିଲ|

## Manuscript Information

- **ISSN No:** 2584-184X
- **Received:** 07-08-2026
- **Accepted:** 09-10-2026
- **Published:** 16-10-2026
- **MRR:**4(10); 2026: 142-147
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

## How to Cite this Article

Sahoo L. ଓଡ଼ିଶାର ସାଂସ୍କୃତିକ ଓ ସାମାଜିକ ପ୍ରେକ୍ଷାପଟରେ ଲୋକ ଉପକରଣ ଗୁଡିକର ଚର୍ଚ୍ଚା. Indian J Mod Res Rev. 2026;4(10):142-147.

## Access this Article Online

www.mrrjournal.in

**ମୁଖ୍ୟଶବ୍ଦ**: ଲୋକସଂସ୍କୃତି, ଲୋକପକରଣ, ଓଡ଼ିଶା, ଲୋକଉପାଦାନ



© 2026 Dr. Lipsarani Sahoo. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## INTRODUCTION

ମଣିଷ ର ସଭ୍ୟତାର ବିକାଶ ମୂଳତହ ମଣିଷ ଓ ପ୍ରକୃତିର ପାରସ୍ପରିକ ସମ୍ପର୍କ ର ଇତିହାସ | ପ୍ରକୃତି ରୁ ଉପଲବ୍ଧ ଉପାଦାନ କୁ ମଣିଷ ନିଜର ଆବଶ୍ୟକତା ଅନୁଯାୟୀ ରୁପଦେଇ ଯେଉସବୁ ବାସ୍ତୁ ସୃଷ୍ଟି କରିଛି ସେଗୁଡ଼ିକ କ୍ରମେ ତାହାର ଜୀବନ ପ୍ରଣାଳୀ ର ଅଂଶ ହୋଇଛି | ଏହି ପ୍ରକ୍ରିୟା ରେ ଉତ୍ପନ୍ନ ପାରମ୍ପରିକ ବାସ୍ତୁ ଗୁଡିକ ଲୋକାଉପକରଣ ଭାବେ ବିଚାର କରାଯାଇପାରେ | ଓଡିଶା ର ପରିପ୍ରେକ୍ଷୀତ ରେ ଲକାଉପକରଣ ର ଅଧ୍ୟୟନ କେବଳ ଲୋକ କଳା କିମ୍ବା ହସ୍ତଶିଳ୍ପ ର ଅଧ୍ୟୟନ ନୁହେଁ | ଏହା ଗ୍ରାମୀଣ ସମାଜର ଶ୍ରାମବିଭାଜନ, ଜିବନପ୍ରଣାଳୀ , ଲିଙ୍ଗଭୂମିକା , ଜାତିଗତ ପେଶା , ଧାର୍ମିକ ଆଚାର , ପରିବେଶ ସହ ସମ୍ପର୍କ  ଏବଂ ସ୍ଥାନୀୟ ଜ୍ଞାନ ର ଗଠନ କୁ ବୁଝିବାର ଏକ ମୁଖ୍ୟ ମାଧ୍ୟମ|

ଲୋକସଂସ୍କୃତି କୌଣସି ସମାଜର କେବଳ ଗୀତ, ନୃତ୍ୟ, ପର୍ବପର୍ବାଣି , ଲୋକକଥା ବା ଧାର୍ମିକ ଆଚାର ର ସମଷ୍ଟି ନୁହେଁ ; ବରଂ ମଣିଷ ର ଦୈନନ୍ଦିନ ଜୀବନଚର୍ଯ୍ୟା ଶ୍ରମ, ଜୀବିକା ,ପରିବେଶ  ସହିତ ସମ୍ପର୍କ,ବସ୍ତୁ ନିର୍ମାଣ ଦକ୍ଷତା ଓ ସାମୁହିକ ସ୍ମୃତି ର ସମନ୍ୱିତ ଅଭିବ୍ୟକ୍ତି| ଏହି ଦୃଷ୍ଟି ରୁ ଲୋକାଉପକରଣ ଲୋକ ସଂସ୍କୃତି ର ଏକ ମୌଳିକ ଓ ଦୃଶ୍ୟମାନ ଅଂଶ | ମାଟି ,କାଠ , ବାଉଁଶ , ବେତ, ଘାସ , ପତ୍ର, ଧାତୁ ଓ ଅନ୍ୟାନ୍ୟ ସ୍ଥାନୀୟ ସମ୍ପଦ ରୁ ନିର୍ମିତ କୃଷିଉପକରଣ , ଗୃହ ସାମଗ୍ରୀ , ମାଛଧରା ସାଧନ , ବୁଣକାମ  ର ଯନ୍ତ୍ର , ଲୋକାବଦ୍ୟ, ଧର୍ମିକ ଉପକରଣ ଆଦି ଓଡ଼ିଶାର ଲୋକଜିବନ ର ବହୁମାର୍ତିକ ଚିତ୍ର ପ୍ରଦାନ କରେ

ଲୋକଉପକରଣ ଗୁଡିକ ଓଡ଼ିଶାର ପାରମ୍ପରିକ ସମାଜରେ ଜୀବିକା ଓ ଉପାଦାନର ସାଧନ ହେବା ସହିତ ସଂଜୀବ ମୂଲ୍ୟବୋଧ ଓ ସାଂସ୍କୃତିକ ପରିଚୟ ର ବାହକ ଭାବରେ କାର୍ଯ୍ୟ କରିଆସୁଛି | ତେବେ ଆଧୁନିକତା , ଯାନ୍ତ୍ରୀକ କରଣ  , ବଜାର ଅର୍ଥନୀତି  ଓ ଜୀବନ ଶୈଳୀ ର ପରିବର୍ତ୍ତନ ଫଳ ରେ ଏହି ଉପକରଣ ମାନଙ୍କର ପାରମ୍ପରିକ ବ୍ୟବହାର ହ୍ରାସ ପାଉଛି | ଅନ୍ଯ ପଟ ରେ ହସ୍ତ ଶିଳ୍ପ , ସଂସ୍କୃତିକ ପର୍ଯ୍ୟଟନ ଓ ଡିଜାଇନ୍ ଭିତ୍ତିକ  ନୂଆବଜାର ଏହାକୁ  ନୂଆଜୀବନ  ମଧ୍ଯ ପ୍ରଦାନ କରୁଛି | ତେଣୁ ଲୋକଉପକରଣ  ର ଭବିଷ୍ୟତ ସଂରକ୍ଷଣ, ନବସୃଜନ ଓ ସମୁଦାୟ ର ଅଧିକାର ର ସମନ୍ୱ୍ୟୟ ଉପରେ ନିର୍ଭରଶୀଳ|

ମାନବ ସଭ୍ୟତା ର ବିକାଶ ମୂଳତଃ ମଣିଷର ଆବଶ୍ୟକତା ଓ ପ୍ରକୃତି ମଧ୍ୟରେ ଥିବା ନିରନ୍ତର ସଂଳାପ ଫଳ| ମଣିଷ ଯେତେ ବେଳେ ନିଜ ପରିବେଶ ରୁ ମାଟି, କାଠ , ବାଉଁଶ, ବେତ , ପଥର , ଧାତୁ , ଘାସ, ପତ୍ର ଆଦି ସଂଗ୍ରହ କରି ତାହାକୁ ନିଜ ଅବଶକ୍ୟତା ଅନୁଯାୟୀ ରୂପାନ୍ତର କରିଛି , ସେତେବେଳେ ଉପକରଣ  ସୃଷ୍ଟିର ପ୍ରକ୍ରିୟା ଆରଭ ହୋଇଛି | ଏହି ଉପକରଣ ମଣିଷର ଜୀବନ କୁ ସହଜ କରିବା ସହିତ ତାହାର ଜ୍ଞାନ , ଅଭିଜ୍ଞତା ଓ ସୃଜନଶୀଳତା କୁ ମଧ ପ୍ରକାଶ କରିଛି | ଓଡ଼ିଶାର ଲୋକଜୀବନ ଏହି ଉପକରଣ ମଣିଷ ର ଜୀବନ କୁ ସହଜ କରିବା ସହିତ ତାହାର ଜ୍ଞାନ, ଅଭିଜ୍ଞତା ଓ ସୃଜନଶୀଳତା କୁ ମଧ ପ୍ରକାଶ କରିଛି | ଓଡିଶା ର ଲୋକଜିବନ୍ ଏହି ପ୍ରକ୍ରିୟା ର ଏକ ସମୃଦ୍ଧ ଉଦାହର, ଓଡିଶା ର ଭୌଗଳିକ ବିବିଧତା , ସମୁଦ୍ରିତଟ , ନଦୀ , ପାହାଡ, ଜଙ୍ଗଲ, ଉଦ୍ଧ ର , କୃଶିଭୂମି ଓ ଜନଜାତିୟ ଅଞ୍ଚଳ  ଲୋକଉପକରଣ ପ୍ରକାର, ଆକୃତି, ଉପାଦାନ, ଓ ବ୍ୟବହାର ରେ  ବିବିଧତା ସୃଷ୍ଟି କରିଛି|

ଓଡ଼ିଶାର ଲୋକଜିବନ ତାହାର ସରଳତା ସ୍ୱାଭାବିକତା, ଶ୍ରମନିଷ୍ଠା ଓ ପରମ୍ପରାନୁରାଗ ପାଇଁ ସ୍ବତନ୍ତ୍ର ପରିଚୟ ବହନ କରେ | ଏଠାକାର ଗ୍ରାମୀଣ ଜୀବନ, କୃଷିଭିତ୍ତିକ ଅର୍ଥନୀତି, ପର୍ବପର୍ବାଣି, ଧାର୍ମିକ ଆଚାର - ବିଚାର, ବିବାହ ପରମ୍ପରା ଓ ଦୈନନ୍ଦିନ ଜୀବନଧାରା ସହିତ ଅନେକ ପ୍ରକାରର ଲୋକଉପକରଣ ଅବଛିନ୍ନ ଭାବରେ ଜଡ଼ିତ | ଏହି ଉପକରଣ ଗୁଡିକ କେବଳ ମଣିଷ ର ଦୈନନ୍ଦିନ ଆବଶ୍ୟକତା ପୂରଣ ର ସାଧନ ନୁହେଁ; ଏଗୁଡ଼ିକ ଏକ ଜାତିର ସାମୂହିକ ସ୍ମୃତି, ଜୀବନ ଦର୍ଶନ ରୁଚିବୋଧ, କାରିଗରୀ ଜ୍ଞାନ ଓ ସଂସ୍କୃତିକ ପରିଚୟ ଜୀବନ୍ତ ପ୍ରତୀକ|

ଲୋକଉପକରଣ ବୋଲି ସାଧାରଣତଃ ଲୋକସମାଜ ନିଜର ଦୈନନ୍ଦିନ ଜୀବନ , କୃଷିକାର୍ଯ୍ୟ, ଗୃହସ୍ଥଳୀ , ଶିଳ୍ପ ଯାତାୟତ, ଧାର୍ମିକ ଓ ସାମାଜିକ କାର୍ଯ୍ୟ ରେ ବ୍ୟାପାର କରିଆସୁଥିବା ପାରମ୍ପରିକ ସାମଗ୍ରୀ ଓ ଯନ୍ତ୍ରପାତି କୁ ବୁଝାଏ| ମାଟି, କାଠ, ବାଉଁଶ, ବେତ, ତାଳପତ୍ର, ଶିଙ୍ଗ, ଲୁହା, ପିତଳ, କଂସା, ଶିଳା ଆଦି ସ୍ଥାନୀୟ ଉପାଦାନ ଉପାଦାନ ରୁ ନିର୍ମିତ ଏହି ଉପକରଣ ଗୁଡିକ ଓଡ଼ିଆ ଲୋକଜୀବନ ଅନେକ ଅଜଣା ଇତିହାସ କୁ ଆଜି ମଧ ନୀରବ ଭାବେ ବହନ କରୁଛି|

ଲୋକଉପକରଣ। ର ପ୍ରଧାନ ବୈଶିଷ୍ଟ୍ୟ ହେଉଛି ଏହା ସ୍ଥାନୀୟତା ପ୍ରୟୋଜନମୂଳକ, ସରଳତା ଓ ପରଂପରା ନିର୍ଭରତା, ଏଗୁଡ଼ିକ, ନିର୍ମାଣ ରେ ଆଧୁନିକ ଯନ୍ତ୍ରପାତି ଅପେକ୍ଷା ମଣିଷର ର ହାତ ର କୌଶଳ ଓ ପିଢ଼ି ପରେ ପିଢ଼ି ସଞ୍ଚିତ ଅଭିଜ୍ଞତା ରେ ଅଧିକ ଭୂମିକା ରହିଥାଏ| ଏକ ସାଧାରଣ କୃଷି ଉପକାରଣ ହଉ କି ଏକ ମାଟିପାତ୍ର ପ୍ରତ୍ୟେକର ପଛରେ ରହିଛି ଦିଘ ଅଭ୍ୟାସ, ପରିବେଶ ସହିତ ମଣିଷ ର ସମ୍ପର୍କ ଓ ଜୀବନ ଆବଶ୍ୟକତା ରୁ ଉଦ୍ଭୂତ ଜ୍ଞାନ |

ଲୋକଉପକରଣ। ର ଆକୃତି ମଧ ସ୍ଥାନିୟ ପରିବେଶ ଓ ଜୀବନ ଶୈଳି ସହିତ ଖାପ ଖାଇଥାଏ | ଯାଉ ଅଞ୍ଚଳ ରେ  ବାଉଁଶ ଓ ବେତ ସହଜ ରେ ମିଳେ, ସେଠାରେ ଝୁଡ଼ି , କୁଲ, ଡାଲା, ଚାଙ୍ଗୁଡ଼ି ଓ ବିଭିନ୍ନ ପ୍ରକାର ଘରୋଇ ସାମଗ୍ରୀ ର ବ୍ୟବହାର ଅଧିକ | ଅନ୍ୟ କ୍ଷେତ୍ର ରେ ମାଟି ର ପ୍ରଚୁରତା ଥିବା ଅଂଚଳ ରେ କୁମ୍ଭାର ସମୁଦାୟ ର ମାଟିପାତ୍ର ନିର୍ମାଣ ପରଂପରା ଉନ୍ନତି ଲାଭ କରିଛି|

ମଣିଷର ଜୀବନ ସହିତ ତାର ସଂସ୍କୃତି କେଉ ଅବହାମନ କାଳ ରୁ ଜଡ଼ିତ ହୋଇ ରହିଆସିଛି , ସାହିତ୍ୟ ମାନବ ଭବଦେଶର କଳାତ୍ମକ ବାହ୍ୟ ପରିପ୍ରକାଶ ନହେଲେ ସଂସ୍କୃତ ହେବ ତାର ଅନ୍ତରାତ୍ମା|  ଗୋଟେ ଶରୀର ହେଲେ ଅନ୍ୟଟି ତାର ଆତ୍ମା | ଏହି ସଂସ୍କୃତ ରେ ଇଂରେଜୀ ଶବ୍ଦ  culture | ଯେ କୌଣସି ଗୋଟିଏ ସମାଜର ନୀତି - ନିୟମ , ପରଂପରା , ନୈତିକତା , ଜ୍ଞାନ , ବିଶ୍ୱାସ ଆଦି ସମସ୍ତ ବିଷୟ ଏହା ର ଅଙ୍ଗୀଭୂତ ହୋଇପାରେ | ପୁଣି ଏହି 'ସାଂସ୍କୃତିକ'  ସାମାଜିକ ମାନରେ ବ୍ୟକ୍ତିତ୍ୱ କୁ ମର୍ଜିତ ଓ ସମୃଦ୍ଧି କରୁଥିବା ମାନବିକ ମହନୀୟ ଗୁନରଜି କୁ ବୁଝାଏ| ସେହିପରି କୌଣସି ଦେଶ ର ସାଂସ୍କୃତିକ ବିଷୟରେ କୁହାଗଲା ବେଳେ ସେ ଦେଶ ର ସଙ୍ଗୀତ , ସ୍ଥାପତ୍ୟ, କାଳ ଓ  ବୌଦ୍ଧିକତା ଆଦି କ୍ଷେତ୍ର ରେ ବିକାଶ ଲାଭ କରିଥିବ | ଏକ ବିଶେଷ ଧାରଣ ର ସମୃଦ୍ଧି ତଥା ବିଚାର କୁ ନିଆଯାଇଥାଏ, ଯାହାକି ସେ ଦେଶ ର ଅଗଣିତ ନର ନାରୀ କୁ ପରମ୍ପରା କ୍ରମେ ଅନୁପ୍ରାଣିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଦୈନଦିନ ଜୀବନ ଓ ଚଳନି ର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପ୍ରତିଷ୍ଠା ଲାଭ କରିଥାଏ

ଏହି ଦୃଷ୍ଟି ରୁ ଲୋକାସଂସ୍କୃତି କହିଲେ ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ସମସ୍ତ ଚାଲିଚଳନ | ଆଚାର - ବିଚାର, ବିଶ୍ୱସବୋଧ , ନ୍ୟାୟନିତି ତଥା ଅନ୍ୟାନ୍ୟ ସମସ୍ତ ସାମାଜିକ ଗୁଣ ଗୁଡିକ ଏହାର ଅନ୍ତର୍ଭୁକ୍ତ | ସାଂସ୍କୃତିକ ଏକ ସମ୍ପତ୍ତି ନୁହେଁ , ତାହା ଏକ ଜୀବନ | 'ସାଂସ୍କୃତିକ' ଜୀବନର  ଭୂମି ହୋଇ ରହିଥାଏ ଜୀବନ ର ଅନ୍ତରା ଦାଶରେ ଏକ ଜଳବାୟୁ ପରି ସମ୍ଭାବନା ରୂପେ ଜୀବନର ଯାବତୀୟ ପ୍ରୟାସ ଏବଂ ପ୍ରେରଣା ମଧ୍ୟରେ ସମଦିଷ୍ଟ ବି ହୋଇଥାଏ।

ସଭ୍ୟତାର ଆଦିମ ପ୍ରସ୍ଥଟି ପ୍ରଥମେ ଗତି ଉଠିଥିଲା ଗୋଷ୍ଟି ଜୀବନକୁ ଭିତ୍ତିକରି । ଆଦିମପ୍ରସ୍ତର ଯୁଗରେ ମଣିଷ ନିଜର ସୁରକ୍ଷା ପାଇଁ ଗୋଷ୍ଠୀଗୋତ ଜୀବନର ମୂଳଦୁଆ ପ୍ରତିଷ୍ଠା କରିଥିଲା । ସାମାଜିକ ଜୀବନର ପ୍ରଥମ ପ୍ରତିଶ୍ରୁତି ବହନ କରିଥାଏ ' ଗୋଷ୍ଠେଜୀବନ ' । କୃଷି ସଭ୍ୟତାର କଳାରେ ଗୋଷ୍ଠୀଜୀବନକୁ ପ୍ରସ୍ତୁହୋଇଥିଲ ଏକ ପରିବ୍ୟପ୍ତ ପୃଷ୍ଠଭୂମି । ସଂଘସ୍ର ଭିତରେ ମନିଶର ବନ୍ଚିରହିବାର ଆକୁଳତରୁ ହିଁ ଜନ୍ମ ନେଇଥିଲା  ସମାଜ। ସମାଜର ପରିକଳ୍ପନା ଓ ସାମାଜିକ ଜବନର ପ୍ରତିଷ୍ଠା ଭିତର ହିଁ ସେଦିନ ଲୋକ ସଂସ୍କୃତିର ଆତ୍ମପ୍ରକାଶ ଘଟିଥିଲା ଭାବବିନିମୟ ନିମନ୍ତେ ବାସ ର


© 2026 Dr. Lipsarani Sahoo. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଆବିଷ୍କାର ଏବଂ ବ୍ୟବହାର ପ୍ରକ୍ରିୟାରେ ଯେଉ ଜୀବନ ର ଅନୁଭୂତି ପ୍ରଗାଢ଼ ହେବ କୁ ଆରମ୍ଭ କରିଥିଲା , ସେବେ ସେହିସବୁ ନିବିଡ଼ ଅନୁଭୂତି ରୁ ହିଁ ଆତ୍ମପ୍ରକାଶ ଘଟିଥିଲା ଲୋକ ସଂସ୍କୃତି ର | ସାମଜିକ ଜୀବନର ପରମ୍ପରା ଟି ଏ ରୂପେ ଗଢ଼ି ଉଠିବା ସହିତ ଲୋକସଂସ୍କୃତୀ ର ପ୍ରଚଳ ନ ପ୍ରକ୍ରିୟା ଟି ଆରଭା ହୋଇଥିଲା| ପରଂପରା ହେଉଛି ତେଣୁ ସଂସ୍କୃତିର ର ବାହାକ ଜୀବନ ର ଧାରାବାହିକ ପରମ୍ପରା ଭିତ ରେ ହିଁ ପ୍ରକଟିତ ହୋଇଥାଏ ଲୋକସଂସ୍କୃତର। ପରିଚୟ

## ଲୋକପକରଣର ସାମଜିକ ଦିଗ

ଲୋକପକରଣ ହେଉଛି ଏକ ସମାଜ ର ଦୈନନ୍ଦିନ ଜୀବନ , ଜୀବିକା , ଶ୍ରମ, ଉତ୍ପାଦନ ପ୍ରଣାଳୀ ଓ ସଥାମଜିକ ସମ୍ପର୍କ ସହିତ ଅବିଚ୍ଛିନ୍ନ ଭାବ ରେ ସମ୍ପୃକ୍ତ ଭୌତିକ ସଂସ୍କୃତିର ର ଅଂଶ | ଏହି ଉପକରଣ ଗୁଡ଼ିକ ର ଗଠନ , ବ୍ୟବହାର ଓ ପ୍ରୟୋଗ ପ୍ରଦ୍ଧତି ମାଧ୍ୟମରେ ଏକ ନିଦ୍ଧିଷ୍ଟ ସମାଜର ଜୀବନ ଜାପାନ ପ୍ରଣାଳୀ ଶ୍ରମ , ସଂସ୍କୃତି ଓ ସାମଜିକ ସଂଠାନ ର ଚିତ୍ର ସ୍ପଷ୍ଟ ହୋଇଥାଏ| ତେଣୁ ଲୋକ ଉପକରଣ ର ସାମଜିକ ଅଧୟନ କେବଳ କେବଳ ବସ୍ତୁର ବର୍ଣ୍ଣନାରେ ସୀମିତ ନ ରହି , ତାହାର ପଚରେ ଥିବା ମାନବୀୟ ସମ୍ପର୍କ ଓ ସାମଜିକ ବ୍ୟବସ୍ଥାକୁ ବିଶ୍ଳେଷଣ କରିବାର ଏକ ପ୍ରୟାସ

## ଜୀବନ ଓ ଅର୍ଥନୈତିକ ଜୀବନ

ଲୋକକଉପକରଣ  ପ୍ରଥମ ପ୍ରମୁଖ ସାମାଜିକ ଦିଗ ହେଉଛି ଏହାର ଜୀବିକା ସହିତ ସମ୍ପର୍କ | କୃଷିପ୍ରଧାନ ସମାଜରେ ହଳ, ଲଙ୍ଗଳ, କୋଦଳା, ଦା , ଶାବଳ, କୁଆଳି,ଇତ୍ୟାଦି ଉପକରଣ କୃଷି କାର୍ଯ୍ୟ ର ମୂଳ ଆଧାର ର ଭାବେ ବ୍ୟବହୃଟ ହୋଇଆସିଛି| ସେଇହି ପରି ମସ୍ୟଜିବି ସମୁଦାୟ ର ଜାଲ , ଡଙ୍ଗା ଓ ମାଛ ଧରା ଉପକରଣ, ବୁଣା କାର ର ତନ୍ତ , କୁମ୍ଭାର ଙ୍କ ଚକ, କାରିଗରଙ୍କ ବିଭିନ୍ନ ଯନ୍ତ୍ର ନିଦ୍ଧିଷ୍ଟ ପେଶା ରେ ପରିଚୟ ବହନ କରେ | ଏହି ଉପକରଣ ଗୁଡିକର ଅଧୟନ ମାଧମରେ ଏକ ସମାଜର ଅଧନାଇଟିକ ଗଠନ , ଉପାଦାନ ପଦ୍ଧତି ଓ ଜୀବିକାର ପ୍ରକୃତି ନିରୂପଣ କରାଯାଇ ପାରେ |  ଅର୍ଥାତ୍ ଲୋକ ଉପକରଣ ଏକ ସମାଜର ଅର୍ଥନୀତିକ ଏତିହସ ର ନୀରବ ଦଳିଲି|

## ଶ୍ରମବିଭାଜନ ଓ ଲେକା ଉପକରଣ

ଲୋକ ସମାଜରେ ଶ୍ରମ ର ବିଭାଜନ ନିଦ୍ଧିଷ୍ଟ ପେଷା ଓ ସାମାଜିକ ଗୋଷ୍ଟି ଆଧାର ରେ ଗଢ଼ି ଉଠିଥିଲା | ଏହି ଶ୍ରମ ବିଭାଜ୍ ନର ଚିହ୍ନ ବିଭିନ ଲୋକପକରଣ ରେ ଦେଖିବାକୁ ମିଳେ ଯେଉ ଉପକାରଣ ଯେ ତିଆରି କରେ , କିଆ ବ୍ୟବହାର କରେ , କି କାମରେ ସେ ବ୍ୟବହୃତ ହୁଏ - ଏହି ସମୟ ତଥ୍ୟ ସମାଜର ଶ୍ରମ ବିଭାଜନ କୁ ପ୍ରକାଶ କରେ |  ଉପକରଣ। ନିଦ୍ଧିଷ୍ଟ କାରିଗର ଓ ଦକ୍ଷତା ତାହାର ବ୍ୟବହାର ରେ ଅନ୍ୟ ଏକ ପେଷା ଜୀବିକା ନିର୍ଭରଶଳତା ଏକ ପରସ୍ପର ନିର୍ଭର ସମଜିବ ବ୍ୟବସ୍ଥା କୁ ପ୍ରକାଶ କରେ| ତେଣୁ ଲୋକ ଉପକରଣ ମାଧମ ରେ ସମାଜ ର ପେଷା ଗତ ଗଠନ କୁ ଅଧ୍ୟୟନ କରାଯାଇପାରେ|

## ପେଶାଗତ ପରିଚୟ

ପାରମ୍ପରିକ ସମାଜରେ ପେଶା କେବଳ ଅର୍ଥୋପାର୍ଜନର ମାଧ୍ୟମ ନୁହେଁ, ବରଂ ଏହା ବ୍ୟକ୍ତି ଓ ସମୁଦାୟର ପରିଚୟର ଏକ ପ୍ରମୁଖ ଉପାଦାନ। କୁମ୍ଭାରର ଚକ, ତନ୍ତୀର ତନ୍ତ, କମାରର ହାତୁଡ଼ି ଏବଂ ବଢ଼ଇର କାଠକାମ ଉପକରଣ କେବଳ ତାଙ୍କର ପେଶାଗତ ପରିଚୟର ଭୌତିକ ପ୍ରତୀକ ନୁହେଁ; ଏହା ପରିବାର ଓ ସମୁଦାୟ ମଧ୍ୟରେ ପିଢ଼ି ପରେ ପିଢ଼ି ଚାଲିଆସୁଥିବା କୌଶଳ ସହିତ ସମ୍ପୃକ୍ତ। ତେଣୁ ଲୋକ ଉପକରଣ ଏକ କାମର ସାଧନ ହେବା ସହିତ ଏକ ପେଶାଗତ ସାମାଜିକ ପରିଚୟର ଚିହ୍ନ ମଧ ଅଟେ।

## ଲୋକକଉପକରଣ ଓ ଲିଙ୍ଗ ଭୂମିକା

ଲୋକ ଉପକରଣର ବ୍ୟବହାର ସମାଜରେ ପୁରୁଷ ଓ ନାରୀଙ୍କ ଶ୍ରମର ଭୂମିକାକୁ ମଧ ପ୍ରତିଫଳିତ କରେ|  କୃଷି, ମାଛଧରା, ଶିକାର, କାଠ କଟା ଆଦି କ୍ଷେତ୍ରରେ ପୁରୁଷମାନେ ବ୍ୟବହାର କରୁଥିବା ଉପକରଣ ଥିବା ବେଳେ ଧାନକୁଟା ,ଶସ୍ୟ ପ୍ରସ୍ତୁତି, ବିହନ ବୁଣା କାମ ଏବଂ ଗୃହ କାର୍ଯ୍ୟ ସମ୍ପର୍କିତ ଅନେକ ଉପକରଣ ନାରୀଙ୍କ ଦୈନନ୍ଦିନ ଶ୍ରମ ସହିତ ଜଡ଼ିତ।ଏହା ମାଧ୍ୟମରେ ସମାଜରେ ନାରୀର ଅଦୃଶ୍ୟ ଏବଂ ଅବୈତନିକ ଶ୍ରମର ଗୁରୁତ୍ୱକୁ ମଧ ଅନୁଧ୍ୟାନ କରାଯାଇପାରେ। ତେଣୁ ଲୋକ ଉପକରଣର ଏହି ଲିଙ୍ଗ ଭିତ୍ତିକ ବିଶ୍ଳେଷଣ ଗ୍ରାମୀଣ ସମାଜର ଶ୍ରମନୀତିକୁ ବୁଝିବାରେ ବିଶେଷ ସହାୟକ ଅଟେ।

## ସାମୂହିକତା ଓ ପରସ୍ପର ସହଯୋଗ

ଲୋକଜୀବନର ଅନେକ କାର୍ଯ୍ୟ ସାମୂହିକ ଶ୍ରମ ଉପରେ ନିର୍ଭରଶୀଳ। କୃଷି କାର୍ଯ୍ୟ, ଧାନ ଅମଳ, ଘର ନିର୍ମାଣ କାମ, ସାମୂହିକ ଉତ୍ସବ ଆଦି ରେ  ଏକାଧିକ ବ୍ୟକ୍ତି ଏକାଠି ହୋଇ ଉପକରଣ ବ୍ୟବହାର କରିଥା'ନ୍ତି। ଏହି ସାମୂହିକ ବ୍ୟବହାର ସମାଜରେ ପାରସ୍ପରିକ ସହଯୋଗ ଓ ସାମାଜିକ ଏକତାକୁ ସୁଦୃଢ଼ କରିଥାଏ। ଏପରିଭାବରେ ଉପକରଣ କେବଳ ଉତ୍ପାଦନର ମାଧ୍ୟମ ନୁହେଁ, ବରଂ ଏହା ସାମାଜିକ ସମ୍ପର୍କ ଗଠନର ମଧ ଏକ ମାଧମ ଅଟେ।

## ପାରମ୍ପରିକ ଜ୍ଞାନ ର ସାମଜିକ ସଂଚାର

ଲୋକ ଉପକରଣ ନିର୍ମାଣ କୌଶଳ ସାଧାରଣ ଅନୁଭବ, ଅନୁକରଣ ଅଭ୍ୟାସ ମାଧ୍ୟମରେ ପରବର୍ତ୍ତୀ ପିଢ଼ିକୁ ସଞ୍ଚରିତ ହୁଏ। ଜଣେ ଗୁରୁ କାରିଗର ନିଜ ଶିଷ୍ୟ କିମ୍ବା ପରିବାର ପରବର୍ତ୍ତୀ ପିଢ଼ିକୁ ଉପକରଣ ଆଦି ସୂକ୍ଷ୍ମ କୌଶଳ ଶିଖାଇଥାନ୍ତି। ଏହି ପ୍ରକ୍ରିୟା ଲୋକ ଉପକରଣ ଜ୍ଞାନ ବାହକ ଭୂମିକା ଗ୍ରହଣ କରେ। ଆଧୁନିକ ଶିକ୍ଷା ବ୍ୟବସ୍ଥା ର ଥିବା ଏହି ଅନୁଭବିକ ଜ୍ଞାନ ଲୋକ ସମାଜ ଏକ ମୂଲ୍ୟବାନ ସାମାଜିକ ସମ୍ପଦ।

## ଆଧୁନୀକରଣ ଓ ସାମଜିକ ପରିବର୍ତ୍ତନ

_ଆଧୁନିକ ଯାନ୍ତ୍ରିକ ଉପକରଣର ଆଗମନ ପାରମ୍ପରିକ ଲୋକ ଉପକରଣର ବ୍ୟବହାରକୁ ପ୍ରଭାବିତ କରିଛି। ଏହାର ପରିମାଣରେ ପାରମ୍ପରିକ ପେଶା, ଶ୍ରମ ବିଭାଜନ ଓ କାରିଗର ଜ୍ଞାନରେ ପରିବର୍ତ୍ତନ ଆସିଛି। ଅନେକ ପୁରୁଣା ଉପକରଣ ବ୍ୟବହାରରୁ ବାହାରି ଯାଇଥିବା ରୁ ସେଗୁଡିକ ନିର୍ମାଣ କରୁଥିବା କାରିଗର ସମୁଦାୟ ମଧ ନୂତନ ଜୀବିକା ଖୋଜିବାକୁ ବାଧ ହୋଇଛନ୍ତି।

## ଲୋକଉପକରଣ ର ସାଂସ୍କୃତିକ ଦିଗ

ଲୋକ ଉପକରଣ ଲୋକ ସଂସ୍କୃତିର ଏକ ଦୃଶ୍ୟମାନ ସ୍ପର୍ଶଯୋଗ୍ୟ ଅଭିବ୍ୟକ୍ତି। ଲୋକ ଜୀବନରେ ବ୍ୟବହୃତ ପ୍ରତ୍ୟେକ ଉପକରଣ ପଛରେ ଏକ ନିର୍ଦ୍ଦିଷ୍ଟ ଜୀବନାନୁଭୂତି, ପରିବେଶ ଜ୍ଞାନ, ଆସ୍ଥା, ମୂଲ୍ୟବୋଧ, ରୀତିନୀତି, ପରମ୍ପରା କାର୍ଯ୍ୟ କରିଥାଏ। ଲୋକ ଉପକରଣକୁ କେବଳ ଉପଯୋଗିତା ମୂଳକ ବସ୍ତୁ ଭାବରେ ଦେଖିଲେ ତାହାର ସାଂସ୍କୃତିକ ତାତ୍ପର୍ଯ୍ୟ ଅସମ୍ପୂର୍ଣ୍ଣ ରହିଯାଏ। ଲୋକ ଉପକରଣର ଆକୃତି, ନିର୍ମାଣ ପ୍ରଣାଳୀ, ଉତ୍ପାଦନ ଅଳଙ୍କରଣ, ବ୍ୟବହାର ଓ ସମୟ ବ୍ୟବହାର ପଦ୍ଧତି ସହିତ ଜଡ଼ିତ


© 2026 Dr. Lipsarani Sahoo. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଲୋକ ବିଶ୍ୱାସ ସବୁ କିଛି ଏକ ସମୁଦାୟର ସାଂସ୍କୃତିକ ଚେତନାକୁ ପ୍ରତିଫଳିତ କରିଥାଏ।

## ଲୋକଉପକରଣ ଓ ଲୋକବିଶ୍ୱାସ

ଲୋକ ବିଶ୍ୱାସ ଲୋକ ସଂସ୍କୃତିର ଏକ ମୌଳିକ ଅଂଶ। ପ୍ରକୃତି, ଜୀବନ, ମୃତ୍ୟୁ, ରୋଗ, ଫସଲ, ସମୃଦ୍ଧି, ଅମଙ୍ଗଳ ଓ ମଙ୍ଗଳ ସମ୍ପର୍କରେ ଲୋକ ସମାଜର ଦୀର୍ଘ ଅନୁଭୂତିରୁ ବିଭିନ୍ନ ବିଶ୍ୱାସ ଗଢ଼ି ଉଠିଥାଏ।ଏହି ବିଶ୍ୱାସର ପ୍ରତିଫଳନ ଲୋକ ଉପକରଣ ବ୍ୟବହାରରେ ମଧ୍ୟ ଦେଖାଯାଏ। କୌଣସି ଉପକରଣକୁ ଶୁଭ ମନେ କରିବା, ନିର୍ଦ୍ଦିଷ୍ଟ ଦିନରେ ମାତ୍ର ତାହା ବ୍ୟବହାର କରିବା, ଉପକରଣ ବ୍ୟବହାର ପୂର୍ବରୁ ପୂଜା କରିବା ଏବଂ ଉପକରଣକୁ ଅପବିତ୍ର ସ୍ଥାନରେ ନ ରଖିବା ପରି ପ୍ରଥା ଲୋକମାନସରେ ବସ୍ତୁର ଅତିରିକ୍ତ ଏକ ଆଧ୍ୟାତ୍ମିକ ଅର୍ଥ ସୃଷ୍ଟି କରେ।ଏହିପରି ଭାବରେ ଲୋକ ବିଶ୍ୱାସ ଏକ ବାହକ ଏବଂ ପିଢ଼ିରୁ ପିଢ଼ିକୁ ବିଶ୍ୱାସ ସଞ୍ଚାରର ଏକ ମାଧ୍ୟମ ।

## ଧାର୍ମିକ ଚେତନା

ଲୋକ ସଂସ୍କୃତିରେ ଧର୍ମ କେବଳ ମନ୍ଦିର, ଦେବଦେବୀ କିମ୍ବା ପୂଜା ପଦ୍ଧତି ମଧ୍ୟରେ ଅସୀମିତ ନୁହେଁ; ଦୈନନ୍ଦିନ ଜୀବନ ଓ ଶ୍ରମ ଜୀବିକା ମଧ୍ୟରେ ମଧ୍ୟ ଧାର୍ମିକ ଚେତନାର ଅଂଶ ହୋଇପାରେ।କାରଣ ଜୀବିକାରେ ବ୍ୟବହୃତ ଉପକରଣ ପ୍ରତି ଶ୍ରଦ୍ଧା ପ୍ରଦର୍ଶନ କରିବାର ପରମ୍ପରା ବିକଶିତ ହୋଇଥାଏ। କୃଷି ଉପକରଣ, କାରିଗରୀ ଉପକରଣ, ଗୃହ ସାମଗ୍ରୀ ଆଦିକୁ ନିର୍ଦ୍ଦିଷ୍ଟ ଅବସରରେ ପୂଜା କରିବାର ପ୍ରଥା ମନୁଷ୍ୟର ଶ୍ରମକୁ ପବିତ୍ର ଭାବରେ ଗ୍ରହଣ କରିବାର ମନୋଭାବ ପ୍ରକାଶ ପାଇଥାଏ।

## ଆଚାର - ଅନୁଷ୍ଠାନର ରେ ଲୋକଉପକରଣ

ଜନ୍ମ, ବିବାହ, କୃଷିର ଆରମ୍ଭ, ନୂଆ ଫସଲ ଅମଳ, ଗୃହ ପ୍ରବେଶ ଓ ପର୍ବପର୍ବାଣୀ ଅବସରରେ ବିଭିନ୍ନ ଧାର୍ମିକ ଅବସରରେ ଲୋକ ଉପକରଣର ବିଶେଷ ବ୍ୟବହାର କରାଯାଏ ଏଠାରେ ଉପକରଣ ମୂଲ୍ୟ ଏବଂ ତାହାର ବ୍ୟବହାର କଣ ରେ ନୁହେଁ ବରଂ ଗଭୀର ଆଚାରଗତ ଅର୍ଥ ନିହିତ ଥାଏ। ଏକ ସାଧାରଣ ବସ୍ତୁ ନିର୍ଦ୍ଦିଷ୍ଟ ଆଚାର ମଧ୍ୟରେ ବ୍ୟବହୃତ ହେବା ସମୟରେ ଏକ ପବିତ୍ର ପ୍ରତୀକାତ୍ମକ ବସ୍ତୁର ମର୍ଯ୍ୟାଦା ଲାଭ କରିଥାଏ।

## ପ୍ରତୀକାତ୍ମକ ଅର୍ଥ

ଲୋକ ଉପକରଣର ଅନେକ ବସ୍ତୁ ତାହାର ପ୍ରାଥମିକ ବ୍ୟବହାରକୁ ଅତିକ୍ରମ କରି ପ୍ରତୀକରେ ପରିଣତ ହୋଇଥାଏ। କୃଷି ଉପକରଣ ଉତ୍ପାଦନ , ଉର୍ବରତା ଏବଂ ଜୀବନଧାରଣର ପ୍ରତୀକ ହୋଇଯାଇପାରେ। ଗୃହ ଉପକରଣ ପରିବାର , ଗୃହର ସମୃଦ୍ଧି ଏବଂ ନାରୀ ଜୀବନର ପ୍ରତୀକାତ୍ମକ ଅର୍ଥ ବହନ କରିପାରେ।ଏହି ପ୍ରତୀକ ଗୁଡ଼ିକ ସାମୁହିକ ଅଭିଜ୍ଞତାରୁ ଗଢ଼ି ଉଠିଥାଏ। ଏକ ପିଢ଼ି ଯେଉଁ ଅର୍ଥରେ ଏକ ଉପକରଣକୁ ଗ୍ରହଣ କରେ, ପରବର୍ତ୍ତୀ ପିଢ଼ି ମଧ୍ୟ ପରମ୍ପରାର ମାଧ୍ୟମରେ ସେହି ଅର୍ଥକୁ ଗ୍ରହଣ କରିଥାଏ।

## ଲୋକ ଉପକରଣର ଓ ନନ୍ଦନତତ୍ତ୍ୱ

ଲୋକୋପକରଣର ପ୍ରାଥମିକ ଉଦ୍ଦେଶ୍ୟ ଉପଯୋଗିତା ହେଲେ ମଧ୍ୟ ନିର୍ମାଣ ସମୟରେ ଲୋକ ଶିଳ୍ପୀଙ୍କର ସୃଜନଶୀଳତା ପ୍ରକାଶ ପାଇଥାଏ। ଆକୃତି, ରେଖା, ରଙ୍ଗ, ଅଳଙ୍କାରଣ ଓ ଖୋଦେଇ, ନକ୍ସା ଓ ସାମଗ୍ରୀର ସମନ୍ୱୟ ମାଧ୍ୟମରେ ଲୋକ ସମାଜର ନନ୍ଦନତତ୍ତ୍ୱକୁ ଏହା ପ୍ରକାଶ କରିଥାଏ। ଏଠାରେ ଉପଯୋଗିତା ଓ ସୌନ୍ଦର୍ଯ୍ୟ ପରସ୍ପରର ପୂରକ ହୋଇଥାଆନ୍ତି।

## ଆଞ୍ଚଳୀୟତା ଓ ସାଂସ୍କୃତିକ ବିବିଧତା

ଏକ ଅଞ୍ଚଳର ଭୌଗଳିକ ପରିବେଶ, ଜଳବାୟୁ, ଉପଲବ୍ଧ ପ୍ରାକୃତିକ ସମ୍ପଦ ଏବଂ ଜୀବନଶୈଳୀ ତାହାର ଲୋକଉପକରଣକୁ ପ୍ରଭାବିତ କରେ। ଏହି କାରଣରୁ ଗୋଟିଏ ଅଞ୍ଚଳଭେଦ ରେ ସମାନ କାର୍ଯ୍ୟ ପାଇଁ ବ୍ୟବହୃତ ଉପକରଣର ଆକୃତି, ନାମ, ଉପାଦାନ ଏବଂ ବ୍ୟବହାର ପ୍ରଣାଳୀରେ ପାର୍ଥକ୍ୟ ଦେଖାଯାଏ।

## ଲୋକଉପକରଣ ଓ ସଂସ୍କୃତି।

ଲୋକଉପକରଣର ଉତ୍ପାଦନ ଓ ଚୟନରେ ସ୍ଥାନୀୟ ପରିବେଶର ପ୍ରଭାବ ସ୍ପଷ୍ଟ। ବାଉଁଶ, କାଠ, ମାଟି, ପଥର, ଘାସ, ପତ୍ର ଓ ଅନ୍ୟାନ୍ୟ ସ୍ଥାନୀୟ ସମ୍ପଦକୁ ଆଧାର କରି ଉପକରଣ ତିଆରି କରାଯାଇଥାଏ।

ଏହା ମଣିଷର ପ୍ରକୃତି ଜ୍ଞାନ ଓ ପରିବେଶ ସହିତ ଅନୁକୂଳ ହେବାର କ୍ଷମତାକୁ ପ୍ରକାଶ କରିଥାଏ, ଅର୍ଥାତ୍ ଲୋକ ଉପକରଣ ମାଧ୍ୟମରେ ଏକ ପାରମ୍ପରିକ ପରିବେଶ ଜ୍ଞାନ ସଂରକ୍ଷିତ ରହିଥାଏ। ଏହି ଜ୍ଞାନ ଆଧୁନିକ ସମୟରେ ସ୍ଥାୟୀ ବିକାଶ ଓ ପରିବେଶ ସୁରକ୍ଷା ଆଲୋଚନାରେ ମଧ୍ୟ ନୂତନ ଗବେଷଣାର ସମ୍ଭାବନା ସୃଷ୍ଟି କରେ।

## ଲୋକଉପକରଣର ଓ ଲୋକସ୍ମୃତି

ଏକ ପୁରୁଣା ଉପକରଣ କେବଳ ଏକ ପୁରାତନ ବସ୍ତୁ ନୁହେଁ, ଏହା ଏକ ପରିବାର, ପେଷା କିମ୍ବା ସମୁଦାୟର ଅତୀତର ଅନୁଭବକୁ ବହନ କରିଥାଏ। ଏହା ସହିତ ପରିବାରର ଜୀବନ, ପୂର୍ବପୁରୁଷଙ୍କ ପେଷା, ପୁରୁଣା ଉତ୍ସବ କିମ୍ବା ନିର୍ଦ୍ଦିଷ୍ଟ ଘଟଣାର ସ୍ମୃତି ଜଡ଼ିତ ରହିପରେ।ଏହି ଅର୍ଥରେ ଲୋକ ଉପକରଣକୁ ସ୍ମୃତି ଭୌତିକ ଭଣ୍ଡାର ବୋଲି କୁହାଯାଇପାରେ। ବସ୍ତୁ ନିଜେ କଥା କହି ନ ଥାଏ, କିନ୍ତୁ ତାକୁ ଘେରି ରହିଥିବା ମୌଖିକ ଶ୍ରୁତି ମାଧ୍ୟମରେ ଅତୀତ ଜୀବନର ଅନେକ ଅଜଣା ତଥ୍ୟ ଉଦଘାଟିତ ହୋଇଥାଏ।

## ମୌଖିକ ପରମ୍ପରା ସହିତ ସଂପର୍କ

ଲୋକ ଉପକରଣ ଏବଂ ଲୋକ ସାହିତ୍ୟ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ବିଭିନ୍ନ ଉପକରଣକୁ ନେଇ ପ୍ରବଚନ, ପ୍ରାଚୀନ ଢ଼ଗଢ଼ମାଳି, ଲୋକଗୀତ, ଲୋକକଥା ଓ ଆଖ୍ୟାନ ଗଢ଼ି ଉଠିଥାଏ।

ଏହା ମୌଖିକ ପରମ୍ପରାକୁ ଆହୁରି ଉପରକୁ ନେଇ ଏକ ନୂତନ ଅର୍ଥ ପ୍ରଦାନ କରେ। ତେଣୁ ଲୋକ ଉପକରଣକୁ ଏକାକୀ ଅଧ୍ୟୟନ କରିବା ଅପେକ୍ଷା, ସେଥିସହ ଜଡ଼ିତ ମୌଖିକ ସାହିତ୍ୟକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ।

## ପିଢ଼ିଗତ ଜ୍ଞାନ ସଂଚାର

ଲୋକଉପକରଣ ନିର୍ମାଣ ଓ ବ୍ୟବହାର ଜ୍ଞାନ ପ୍ରାୟତଃ ପୁସ୍ତକୀୟ ଶିକ୍ଷା ମାଧ୍ୟମରେ ହୋଇ ନ ଥାଏ, ବରଂ ଅଭିଜ୍ଞତା ଓ ପ୍ରତ୍ୟକ୍ଷ ଅଭ୍ୟାସ ମାଧ୍ୟମରେ ପରବର୍ତ୍ତୀ ପିଢ଼ିକୁ ଯାଇଥାଏ।

ବୃଦ୍ଧ କାରିଗର ନିଜର ଅଭିଜ୍ଞତାକୁ ଯୁବ ପିଢ଼ିକୁ ଶିଖାଇଥାଆନ୍ତି। ଏହି ପ୍ରକ୍ରିୟାରେ ଉପକରଣ ଏକ ଜ୍ଞାନର ବାହକ ହୋଇଯାଇଥାଏ। ଏହି ଜ୍ଞାନ ନିର୍ମାଣ କୌଶଳ ସହିତ ସାଂସ୍କୃତିକ ନିୟମ, ବିଶ୍ୱାସ ଓ ମୂଲ୍ୟବୋଧକୁ ମଧ୍ୟ ସଞ୍ଚାରିତ ହୁଏ।


© 2026 Dr. Lipsarani Sahoo. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ନାରୀ ସଂସ୍କୃତି ଓ ଉପକରଣ

ଲୋକଉପକରଣ ସାଂସ୍କୃତିକ ଅଧ୍ୟୟନରେ ନାରୀ ଜୀବନକୁ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ଗୃହ କାର୍ଯ୍ୟ, ଖାଦ୍ୟ ପ୍ରସ୍ତୁତି, ଧାନ ପ୍ରକ୍ରିୟାକରଣ, ବୁଣାକାମ, ହସ୍ତଶିଳ୍ପ ଇତ୍ୟାଦି ସହିତ ଜଡ଼ିତ ଅନେକ ପରମ୍ପରା ନାରୀ ଦୈନନ୍ଦିନ ଜୀବନର ଅଭିଜ୍ଞତାର ଅଂଶ। ପରମ୍ପରାରେ ନାରୀ ଶ୍ରମ, ସୃଜନଶୀଳତା, ଘରୋଇ ଜ୍ଞାନ ଓ ସାଂସ୍କୃତିକ ଭୂମିକା ଅଧ୍ୟୟନ କରାଯାଇପାରେ।

## ଲୋକଉପକରଣ ଓ ସାଂସ୍କୃତିକ ନିରନ୍ତରତା

ସଂସ୍କୃତିର ଏକ ମୁଖ୍ୟ ଲକ୍ଷଣ ହେଉଛି ନିରନ୍ତରତା। ପରିବର୍ତ୍ତନ ସତ୍ତ୍ୱେ କିଛି ପରମ୍ପରା ଦୀର୍ଘ ସମୟ ଧରି ରହିଥାଏ ଏବଂ ଏହା ସାଂସ୍କୃତିକ ନିରନ୍ତରତାର ଏକ ପ୍ରମୁଖ ମାଧ୍ୟମ ଅଟେ। ପରମ୍ପରା ଉପରେ ଆକୃତି ନିର୍ମାଣ ପ୍ରଣାଳୀ କିମ୍ବା ବ୍ୟବହାରର କିଛି ଅଂଶ ନୂତନ ପିଢ଼ି ମଧ୍ୟ ରହିପରେ । ଏହି ନିରନ୍ତରତା ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ସାଂସ୍କୃତିକ ସେତୁ ସୃଷ୍ଟି କରେ।

## ଆଧୁନୀକରଣ ଓ ସାଂସ୍କୃତିକ ପରିବର୍ତ୍ତନ

ଆଧୁନିକ ପ୍ରଯୁକ୍ତିବିଦ୍ୟା, ଯନ୍ତ୍ରୀକରଣ, ବଜାର ଅର୍ଥବ୍ୟବସ୍ଥା ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଲୋକଉପକରଣ ବ୍ୟବହାର ଉପରେ ଗଭୀର ପ୍ରଭାବ ପକାଇଛି। ଅନେକ ପାରମ୍ପରିକ ଉପକରଣ ଦୈନନ୍ଦିନ ବ୍ୟବହାରରୁ ବିଲୁପ୍ତ ହୋଇଯାଇଥିବା ବେଳେ, କିଛି ଉପକରଣ ବ୍ୟାବହାରିକ ଜୀବନରୁ ସଂଗ୍ରହାଳୟ, ଲୋକ ଉତ୍ସବ, ପର୍ଯ୍ୟଟନ, ହସ୍ତଶିଳ୍ପ ବଜାର ଏବଂ ସାଂସ୍କୃତିକ ପ୍ରଦର୍ଶନୀ ମାଧ୍ୟମରେ ନୂତନ ଅର୍ଥଲାଭ କରୁଛନ୍ତି।

## ଲୋକଉପକରଣ ଓ ସାଂସ୍କୃତିକ ଐତିହ୍ୟ

ଆଜିର ପରିପ୍ରେକ୍ଷୀରେ ଲୋକ ଉପକରଣକୁ ଅମୂର୍ତ୍ତ ଓ ମୂର୍ତ୍ତ ସାଂସ୍କୃତିକ ଅଧ୍ୟୟନ ସହିତ ସଂଯୋଗ କରାଯାଇପାରେ। ଏକ ଉପକରଣର ଭୌତିକ ରୂପ ମୂର୍ତ୍ତ ହେଲେ ମଧ୍ୟ, ଏହାକୁ ନିର୍ମାଣ କରିବାର କୌଶଳ, ବ୍ୟବହାର ପଦ୍ଧତି, ବିଶ୍ୱାସ ଓ ଆଚରଣ ହେଉଛି ଏହାର ଅମୂର୍ତ୍ତ ଅଂଶ; ଏ ଦୁହେଁ ପରସ୍ପର ସହିତ ସଂପୃକ୍ତ। ଲୋକ ଉପକରଣର ସୁରକ୍ଷା କେବଳ ବସ୍ତୁକୁ ସଂରକ୍ଷଣ କରିବା ନୁହେଁ, ବରଂ ତାହା ସହିତ ଜଡ଼ିତ ଜ୍ଞାନ, କୌଶଳ ଓ ଆଚାର ଓ ଲୋକ ସଂସ୍କୃତି ମଧ୍ୟ ସଂରକ୍ଷଣ କରିବା।

## ଲୋକଉପକରଣ ର ବର୍ଗୀକରଣ

ବିବର୍ତ୍ତନ ହେଉଛି ଏକ ଚିରନ୍ତନ ପ୍ରଭାବମାନ ପ୍ରକ୍ରିୟା। ଏହା ଡାର୍ୱିନ୍‌ଙ୍କ ତତ୍ତ୍ୱ ଆଧାରରେ ଜୀବନ ଜଗତର ପ୍ରମାଣ ସହ ହୃଦୟଙ୍ଗମ କରାଯାଏ। ସାଧାରଣ ମନୁଷ୍ୟ ଦୃଷ୍ଟିରେ ଏହାର ବ୍ୟାପ୍ତି କାରଣରୁ ଜୈବ ବିବର୍ତ୍ତନ ଏକ ଅତି ମନ୍ଥର ପ୍ରକ୍ରିୟା, ଯାହା ହଜାର ହଜାର ବର୍ଷରେ ସୃଷ୍ଟି ହୋଇଥାଏ। ମାତ୍ର ମନୁଷ୍ୟ ସମାଜ ଓ ସଂସ୍କୃତିର ବ୍ୟାଖ୍ୟାକୃତକ୍ଷିପ୍ତ ଭାବେ ନିତ୍ୟ ବିବର୍ତ୍ତନ ସାଧାରଣ ମନୁଷ୍ୟ ଜୀବନରେ ଏହାକୁ ଅନୁଭବ କରିବା କଷ୍ଟକର ନୁହେଁ।

ବିଗତ ୫୦-୬୦ ବର୍ଷ ମଧ୍ୟରେ ସାରା ବିଶ୍ୱ ଜନଜୀବନରେ ନାନା ବିବର୍ତ୍ତନ ଘଟିଛି ଏବଂ ଆମ ଦେଶ କିମ୍ବା ରାଜ୍ୟ ଏହାର ବାଦ୍ ପଡ଼ିନାହିଁ। ଆମ ରାଜ୍ୟରେ ଆମ ଖାଦ୍ୟ, ପୋଷାକ ଓ ବାସଗୃହରେ ବିପ୍ଳବୀ ପରିବର୍ତ୍ତନ ଘଟିଛି। ଆମ ପଖାଳ କଂସା , ମଣ୍ଡା ଓ ଖୀରି-ଖିଚଡ଼ି ଜାଗାକୁ ରୋଟି, ଉପମା, ଦୋଷା, ବ୍ରେଡ୍-ବଟର୍ ଆସିଗଲାଣି। ଆମ ଧୋତି-ଶାଢ଼ୀ ବେଶଭୂଷା ବାସନ୍ଧ ହେଲାଣି । ଆମ ଚାଳ ଛପର ସ୍ଥାନ ରେ କୋଠା ବାଡ଼ି ଭରିଗଲାଣି। ଆମ କଥିତ-ଲିଖିତ ଭାଷା ନାନା ଭାବେ ବଦଳିଚାଲିଛି , ଆମ ସାମାଜିକ ଜୀବନର ଅନେକ ଉପାଦାନ ହଜିଗଲାଣି ଏବଂ ତା'ର ସ୍ଥାନ ନେଇଛି ନୂତନ ଉପଯୋଗମାନଙ୍କୁ ନେଇ ବିବର୍ତ୍ତନ ଗଡ଼ି ଚାଲିଛି, ସମାଜ ବଢ଼ି ଚାଲିଛି। ସେଥିସହ ଅନେକ ଚଳନୀ, ନୂଆ ଉପଯୋଗ ଓ ପଦ୍ଧତିକୁ ଲୋକେ ନିଜସ୍ୱ କରିନେଲେଣି, ଯାହା ଅଧିକ ସହଜ, ସ୍ୱଚ୍ଛ ଏବଂ ଆରାମଦାୟକ।

## (କ) କୃଷି ସମ୍ବନ୍ଧୀୟ ଉପକରଣ

ଓଡିଶାର ପାରମ୍ପରିକ ଅର୍ଥନୀତିର ମୂଳ ଆଧାର କୃଷି ତେଣୁ କୃଷି ଜୀବନ ସହିତ ଜଡିତ ଲୋକ ଉପକରଣର ସଂଖ୍ୟା ଓ ବିବିଧତା ଅଧିକ ଲଙ୍ଗଳ, କୁଆଳି, କୁଦାଳ, ଦା, ମୋଇ ଇତ୍ୟାଦି କୃଷି ଉପକରଣ କୃଷି କାର୍ଯ୍ୟର ବିଭିନ୍ନ ପର୍ଯ୍ୟାୟ ସହିତ ସମ୍ପୃକ୍ତ ଧାନମଳ ପରେ ତାହାକୁ ସଫା କରିବା, ସୁଖାଇବା, ମାପିବା ଓ ସରକ୍ଷଣ ପାଇଁ କୁଲା, ଡାଲା, ଜୋଡି ଓ ଅନ୍ୟାନ୍ୟ ସାଧନ ବ୍ୟବହୃତ ହୋଇଥାଏ ଏଇ ଉପକରଣ ଗୁଡିକର କୃଷି ପ୍ରଯୁକ୍ତର ପ୍ରତିନିଧିତ୍ୱ କରିବା ସହିତ କୃଷକ ପରିବେଶ ଜ୍ଞାନକୁ ମଧ୍ୟ ପ୍ରକାଶ କରେ କେଉଁ ମାଟିରେ କେଉଁ ଉପକରଣ ଭିପରି ବ୍ୟବହାର କରିବା, କେଉଁ ଋତୁରେ କେଉଁ କାଯ୍ୟ କରିବା ଆଦି ଜ୍ଞାନ ପିଢି ପରେ ପିଢି ସଞ୍ଚରିତ ହୋଇଛି

## (ଖ)ନାରୀ ଜୀବନ ସମ୍ବନ୍ଧୀୟ ଲୋକ ଉପକରଣ

ଶିଳପୁଆ, କୁଲା, ଚାଳଣି, ମାଟି ପାତ୍ର, ବିଭିନ୍ନ ସଂରକ୍ଷଣ ପାତ୍ର ଆଦି ସହିତ ନାରୀଙ୍କ ଦୈନନ୍ଦିନ ଶ୍ରମ ଗଭୀର ଭାବେ ଜଡ଼ିତ। ପାରମ୍ପରିକ ପରିବାରରେ ଖାଦ୍ୟ ପ୍ରସ୍ତୁତି, ସସ୍ୟ ସଂରକ୍ଷଣ, ରନ୍ଧନ ଓ ଘରୋଇ ଉପାଦାନର ଦାୟିତ୍ୱ ମୁଖ୍ୟତଃ ନାରୀମାନଙ୍କ ଉପରେ ଥିବାରୁ ଏହି ଉପକରଣଗୁଡ଼ିକ ନାରୀଙ୍କ ଶ୍ରମ ଜୀବନର ଭୌତିକ ଦଲିଲ ଭାବେ ବିବେଚିତ ହୋଇଥାଏ।

ଓଡ଼ିଶାର ପାରମ୍ପରିକ ଗ୍ରାମୀଣ ଜୀବନରେ ଢ଼େଙ୍କିର ଗୁରୁତ୍ୱ ମଧ୍ୟ ବିଶେଷ ଉଲ୍ଲେଖନୀୟ। ଧାନରୁ ଚାଉଳ ପ୍ରସ୍ତୁତି ପାଇଁ ଢ଼େଙ୍କି ବ୍ୟବହୃତ ହୋଇଥାଏ। ଢ଼େଙ୍କି ବ୍ୟବହାର ସମୟରେ ଅନେକ ସମୟରେ ଏକାଧିକ ନାରୀଙ୍କ ଅଂଶଗ୍ରହଣ ହୋଇଥାଏ, ଯାହାକି ନାରୀମାନଙ୍କ ଘରୋଇ ଶ୍ରମରେ ପାରସ୍ପରିକ ସହଯୋଗ ଏବଂ ସାମାଜିକ ସମ୍ପର୍କର ଏକ ଅଂଶ ଅଟେ।

## ବାଉଁଶ ଓ ବେତ ଉପକରଣ

ବାଉଁଶ ଓ ବେତ ଓଡ଼ିଶା ଲୋକଜୀବନରେ ବହୁମୁଖୀ ଭାବେ ବ୍ୟବହୃତ ହୋଇଥାଏ। ବାଉଁଶରୁ ଝୋଡ଼ି, ଡାଲା, କୁଲା, ଚାଙ୍ଗୁଡ଼ି, ମାଛ ଧରା ସାଧନ, ସଂରକ୍ଷଣ ଉପକରଣ, ଘରୋଇ ସାମଗ୍ରୀ ଇତ୍ୟାଦି ନିର୍ମିତ ହୋଇଥାଏ।

## ମାଟି ଉପକରଣ

ଓଡିଶାର ଲୋକଜୀବନର ମାଟି ଉପକରଣ ଗୁରୁତ୍ୱ ଅଧିକ, ମାଟି, କଳସ, ଦୀପ, ଥାଳି ଓ ବିଭିନ୍ନ ମାଟି ପାତ୍ର ଗ୍ରାମୀଣ ଘରୋଇ ଜୀବନର ଅଂଶ ଥିଲା ମାଟି ପାତ୍ରର ବ୍ୟବହାର ଓଡିଶାର ଖାଦ୍ୟ ସଂସ୍କୃତି, ଜଳ ସରକ୍ଷଣ ପ୍ରଣାଳୀ ଓ ପାରମ୍ପରିକ ରୋଷୀ ପଦ୍ଧତି ସହ ଜଡିତ ଏତି ସହିତ ମୃର୍ତିକା ନିର୍ମାଣ ପ୍ରକ୍ରିୟା କୁମ୍ଭାର ସମୁଦାୟର ଦକ୍ଷତା ଏବଂ ପିଢିଗତ ଜ୍ଞାନର ଉଦାହରଣ

## ପାରମ୍ପରିକ ପେଷାରେ ଲୋକ ଉପକରଣ

ଓଡିଶା ପାରମ୍ପରିକ ସମାଜ ବିଭିନ୍ନ ପେଷା ସହିତ ନିର୍ଦ୍ଦିଷ୍ଟ ଉପକରଣ ସଂପର୍କ ରହିଛି କୁମାର କୁମ୍ଭାର ବଢେ ବୁନାକାର ବାଉଁଶ କାରିଗର ଅନ୍ୟ ହସ୍ତ ଶିଳ୍ପୀ ନିଜ ଉପକରଣ ସଂସ୍କୃତି ରହିଛି କାରିଗର ଙ୍କ ଉପକରଣ କେବଳ ଉତ୍ପାଦନ ସାଧନ ଏହା ତାଙ୍କର ପେଷାଗତ ପରିଚୟ ,କୌଶଳ ,ସାମାଜିକ ସ୍ଥାନ ପାରମ୍ପରିକ ଜ୍ଞାନ ଚିହ୍ନ


© 2026 Dr. Lipsarani Sahoo. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ଉପସଂହାର

ପରିବେଶକୁ ନେଇ ଓଡ଼ିଆ ସାମାଜିକ, ସାଂସ୍କୃତିକ ଜୀବନରେ ଲୋକ ଉପକରଣଗୁଡ଼ିକର ଗୁରୁତ୍ୱ ଅତ୍ୟନ୍ତ ଅଧିକ। ଏହି ଉପକରଣଗୁଡ଼ିକ କେବଳ ମନୁଷ୍ୟର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାର ସାଧନ ନୁହେଁ, ବରଂ ଓଡ଼ିଆ ଲୋକଜୀବନ, ପରମ୍ପରା, ଜୀବିକା, ରୀତିନୀତି, ଲୋକବିଶ୍ୱାସ ଓ ସାମୂହିକ ଜୀବନଧାରାର ଏକ ଜୀବନ୍ତ ପ୍ରତୀକ ଅଟେ।କୃଷି, ମାଛ ଶିକାର, ହସ୍ତଶିଳ୍ପ, ଘରୋଇ କାମ ଏବଂ ବିଭିନ୍ନ ପାରମ୍ପରିକ ବୃତ୍ତି ସହିତ ଜଡ଼ିତ ଏହି ଉପକରଣଗୁଡ଼ିକ ପିଢ଼ି ପରେ ପିଢ଼ି ଧରି ଲୋକଙ୍କ ଅଭିଜ୍ଞତା ଓ ଦକ୍ଷତା ଫଳସ୍ୱରୂପ ବିକଶିତ ହୋଇଛି।

ଲୋକ ଉପକରଣ ମାଧ୍ୟମରେ ଓଡ଼ିଶାର ଗ୍ରାମୀଣ ସମାଜ, ଜୀବନଶୈଳୀ ଓ ଅର୍ଥନୈତିକ ବ୍ୟବସ୍ଥାର ଏକ ସ୍ପଷ୍ଟ ଚିତ୍ର ମିଳିଥାଏ।ଏହାସହିତ ବିଭିନ୍ନ ଜାତି, ଜନଜାତି ଓ ସମ୍ପ୍ରଦାୟ ନିଜର ପାରମ୍ପରିକ ଜ୍ଞାନ, କାରିଗରୀ କୌଶଳ ଏବଂ ସାଂସ୍କୃତିକ ପରିଚୟକୁ ଏହି ଉପକରଣଗୁଡ଼ିକ ଜରିଆରେ ପ୍ରତିଫଳିତ କରିଥାନ୍ତି। ତେଣୁ, ଲୋକ ଉପକରଣଗୁଡ଼୍ିକର ଅଧ୍ୟୟନ କେବଳ କିଛି ବସ୍ତୁ ବିଷୟରେ ଜାଣିବା ନୁହେଁ, ବରଂ ଏହା ମାଧ୍ୟମରେ ଓଡ଼ିଶାର ଲୋକସମାଜ, ଇତିହାସ, ପରମ୍ପରା ଓ ସଂସ୍କୃତିକୁ ଗଭୀର ଭାବରେ ବୁଝିବା ସମ୍ଭବ ହୋଇଥାଏ।

ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତିର ପ୍ରଭାବରେ ଅନେକ ପାରମ୍ପରିକ ଲୋକ ଉପକରଣର ବ୍ୟବହାର ଧୀରେ ଧୀରେ କମିଯାଉଛି। ଫଳରେ ଏହା ସହିତ ଜଡିତ ପାରମ୍ପରିକ ଜ୍ଞାନ ଓ କାରିଗର କୌଶଳ ମଧ୍ୟ ବିଲୁପ୍ତ ହେବାର ଆଶଙ୍କା ରହିଛି। ତେଣୁ ଏହି ଉପକରଣଗୁଡିକର ସଂଗ୍ରହ, ସରଂକ୍ଷଣ, ଗବେଷଣା ଓ ପରବର୍ତ୍ତୀ ପିଢିକୁ ପରିଚିତ କରିବା ଆବଶ୍ୟକ। ସଂଗ୍ରହାଳୟ, ଲୋକ ସଂସ୍କୃତି ଅଧ୍ୟୟନ, ଶିକ୍ଷାନୁଷ୍ଠାନ ଓ ସ୍ଥାନୀୟ ସମୁଦାୟର ସହଯୋଗରେ ଏହାକୁ ସୁରକ୍ଷିତ ରଖାଯାଇପାରେ। ଏହିପରି ଭାବରେ ଓଡିଶାର ଲୋକ ଉପକରଣଗୁଡିକ ଆମର ଜୀବନ ଓ ସଂସ୍କୃତିର ଅମୂଲ୍ୟ ସମ୍ପଦ। ଏଗୁଡିକ ଆମର ଅତୀତକୁ ବର୍ତ୍ତମାନ ସହିତ ଯୋଡି ହୋଇଥାଏ। ତେଣୁ ଏହା ଓଡିଆ ଜାତିର ସ୍ୱତନ୍ତ୍ର ଲୋକ ପରମ୍ପରା ଓ ସଂସ୍କୃତି ପରିଚୟକୁ ଉଜାଗର କରେ। ତେଣୁ ଲୋକ ଉପକରଣର ସୁରକ୍ଷା ଓ ସରଂକ୍ଷଣ କେବଳ ଅତୀତକୁ ସୁରକ୍ଷିତ ରଖିବା ନୁହେଁ ବରଂ ଆମର ଭବିଷ୍ୟତ ପାଇଁ ଓଡିଆ ଲୋକ ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ଅକ୍ଷୁଣ୍ଣ ରଖିବାର ଦାୟିତ୍ୱ।

## ସନ୍ଦର୍ଭ

1. ରଥ ବନମାଳୀ। କାବ୍ୟକଳା।
2. ଦାସ ଚିତ୍ତରଞ୍ଜନ। ଓଡ଼ିଆ ସାହିତ୍ୟ ସାଂସ୍କୃତିକ ବିକାଶଧାରା।
3. ପାଢ଼ୀ ବେଣୁଧର। ଲୋକ ସାହିତ୍ୟ ତତ୍ତ୍ୱ।

**Creative Commons License**

This article is an open-access article distributed under the terms and conditions of the Creative Commons Attribution–Non-commercial–No Derivatives 4.0 International (CC BY-NC-ND 4.0) License. This license permits users to copy and redistribute the material in any medium or format for non-commercial purposes only, provided that appropriate credit is given to the original author(s) and the source. No modifications, adaptations, or derivative works are permitted.

**About the Author**



**ଡ. ଲିପ୍ସାରାଣୀ ସାହୁ** ଓଡ଼ିଶାର ସଂସ୍କୃତି, ଲୋକକଳା, ସାହିତ୍ୟ ଓ ସାମାଜିକ ପରମ୍ପରା ଗବେଷଣା କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟରତ। ଓଡ଼ିଶାର ପାରମ୍ପରିକ ଲୋକ ଉପକରଣ, ଲୋକସଂସ୍କୃତି ଏବଂ ସାମାଜିକ ଚଳଣି ଉପରେ ତାଙ୍କର ଗଭୀର ଅଧ୍ୟୟନ ଓ ଗବେଷଣା ରହିଛି। ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଜର୍ଣ୍ଣାଲ୍‌ରେ ତାଙ୍କର ଏକାଧିକ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇସାରିଛି।


© 2026 Dr. Lipsarani Sahoo. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/